# ଏକ ବିରଳ ବ୍ୟକ୍ତିତ୍ୱ

**ଶ୍ରୀ ଅର୍ଜୁନ ରଞ୍ଜନ ପଣ୍ଡା**

କେବଳ ପଶ୍ଚିମ ଓଡ଼ିଶା କାହିଁକି ସମଗ୍ର ଓଡ଼ିଶାର ଜଣେ ପ୍ରବୀଣ ସାମ୍ବାଦିକ ତଥା ଗୁରୁ ସ୍ୱରୂପ, ବୟୋଜ୍ୟେଷ୍ଠ ଗାନ୍ଧିବାଦୀ, ସମାଜସେବୀ, ନୃସିଂହ ଗୁରୁଙ୍କ ପରଲୋକ ଆଜି ରାଜ୍ୟକୁ ଛେଉଣ୍ଡ କରିଗଲା । ତାଙ୍କ ବିୟୋଗରେ ଓଡ଼ିଶାର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ଚିରଦିନ ପାଇଁ ଦୃଷ୍ଟି ଅନ୍ତରାଳରେ ଅଦୃଶ୍ୟ ହୋଇଗଲା । ଏହି ଦୁଃଖଦ ସମ୍ବାଦ ସର୍ବତ୍ର ପ୍ରଚାରିତ ହେଲା ପରେ ପ୍ରତ୍ୟେକ ବୁଦ୍ଧିଜୀବୀ ଓ ସମଭାବାପନ୍ନ ବ୍ୟକ୍ତିଙ୍କ ହୃଦୟରେ ମର୍ମଭେଦୀ ରେଖା ଅଙ୍କିତ କରିଛି ।

ଜନ୍ମ ଓ ମୃତ୍ୟୁର ଗତାନୁଗତିକ ଧାରାରେ ପ୍ରବାହମାନ ମଣିଷ ନିଜର କୃତକର୍ମ ଦ୍ୱାରା ଅସାଧାରଣ ହୋଇ ଉଠେ । ସୀମିତ ଜୀବନ କାଳ ମଧ୍ୟରେ ଅଲୌକିକ ପ୍ରତିଭା ଓ ନିଷ୍ଠାଦ୍ୱାରା ସମାଜରେ ପ୍ରତିଷ୍ଠାଲାଭ କରିଥିବା କେତେଜଣ ସାଧାରଣ ମଣିଷ ଭିତରେ ନୃସିଂହ ଗୁରୁଙ୍କ ଅସାଧାରଣ ବ୍ୟକ୍ତିତ୍ୱ । ନିଜର ଆଠଦଶନ୍ଧିରୁ ଊର୍ଦ୍ଧ୍ୱ ଜୀବନ କାଳ ମଧ୍ୟରେ ସେ ସଂଗ୍ରାମୀ ଓ ଅଗ୍ରଗାମୀ ପୌରୁଷର ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି । କେବଳ ଜଣେ ବୟୋଜ୍ୟେଷ୍ଠ ସାମ୍ବାଦିକ ବା ସ୍ୱାଧୀନତା ସଂଗ୍ରାମୀ ଭାବରେ ନୁହେଁ ସର୍ବୋପରି ଜଣେ ଜଣେ ନୀତିବାନ ମଣିଷ ଭାବରେ ସଚ୍ଚୋଟ ଆଦର୍ଶାନୁରାଗୀ, ନୈତିକ ଗୁଣର ପରିମାର୍ଜିତ ଭାବ ତାଙ୍କଠାରେ ପରିଲକ୍ଷିତ ହୋଇଥିଲା ।

ପରିଣତ ବୟସରେ ମଧ୍ୟ ସ୍ୱର୍ଗତ ଗୁରୁଙ୍କ କର୍ମ ପ୍ରବଣତା ଓ ନିଷ୍ଠାପର ତଥା ନିଃସ୍ୱାର୍ଥପର ସେବା ଅନେକଙ୍କୁ ପ୍ରେରଣା ପ୍ରଦାନ କରିଛି । ଆଜୀବନ ସଂଗ୍ରାମ କରିଥିବା ନୃସିଂହ ବାବୁ ସଂଗ୍ରାମୀ ଜୀବନର ଉଜ୍ଜ୍ୱଳ ପଥ ପ୍ରଦର୍ଶନ କରିଛନ୍ତି । ତାଙ୍କ ପଦାଙ୍କ ଆଜିର ସ୍ୱାଧୀନଚେତା ବିଚାରବନ୍ତ ବ୍ୟକ୍ତିଙ୍କ ପାଇଁ ଅନୁକରଣୀୟ । ତାଙ୍କ ସଂଗ୍ରାମୀ ଜୀବନର ଆଭାସ ମିଳିଥିଲା ଜୀବନର ପ୍ରଥମ ପାଦରୁ ଛାତ୍ରାବସ୍ଥାରୁ ସ୍ୱାଧୀନତା ପ୍ରତି ନିଜର ଅନୁରକ୍ତି ପ୍ରକାଶ କରିଥିଲେ ଓ କାରାବରଣ କରିଥିଲେ ।

ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତ ନୃସିଂହ ବାବୁଙ୍କ ଦାନ ମୂଲ୍ୟାଙ୍କନ କରିବା ଧୃଷ୍ଟତା ହେବ । ଆଜିର ସାମ୍ବାଦିକମାନଙ୍କ ସ୍ୱାର୍ଥ ଜଡ଼ିତ ଶସ୍ତା ସାମ୍ବାଦିକତାକୁ ନୃସିଂହ ବାବୁ ତାଙ୍କ ଜୀବଦ୍ଦଶାରେ ବରାବର ବିରୋଧ କରି ଆସିଥିଲେ । ସମ୍ବଲପୁର ଏକମାତ୍ର ରେଜିଷ୍ଟ୍ରିଭୁକ୍ତ ସାମ୍ବାଦିକ ଅନୁଷ୍ଠାନ 'ଜିଲ୍ଲା ସାମ୍ବାଦିକ ସଂଘ'ର ସେ ପ୍ରାଣ ପ୍ରତିଷ୍ଠାତା ଓ ମୃତ୍ୟୁ ପର୍ଯ୍ୟନ୍ତ ସଭାପତି ରହି ଆସିଥିଲେ । କିନ୍ତୁ କେତେକ ଆତ୍ମ କୈନ୍ଦ୍ରିକ ସାମ୍ବାଦିକଙ୍କ ପ୍ରତିକୂଳ ମନୋଭାବ ଯୋଗୁଁ ସେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ ।

ଦୈନିକ 'ଅଗ୍ନିଶିଖା' ସହିତ ତାଙ୍କର ଅବିଚ୍ଛେଦ୍ୟ ସମ୍ପର୍କ । ଏହାର ଜନ୍ମ ସମୟରୁ ରହି ଆସିଥିଲା । ଅଗ୍ନିଶିଖାର ସଂସ୍କରଣ ପ୍ରତି ଉତ୍ସାହିତ ହୋଇ ସେ ଏହାର ଉତ୍ତରୋତ୍ତର ସମୃଦ୍ଧି କାମନା କରିଥିଲେ । ତାଙ୍କ ସାହଚର୍ଯ୍ୟ ଆମ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ହୋଇ ସ୍ମରଣୀୟ ହୋଇ ରହିବ ।

ସ୍ୱର୍ଗତ ନୃସିଂହ ଗୁରୁ ଆଜି ଆମକୁ ଛାଡ଼ି ଚାଲିଯାଇଛନ୍ତି ହେଲେ ତାଙ୍କ ଆଦର୍ଶ ଆମ ଆଗରେ ମୂର୍ତ୍ତିମନ୍ତ ପ୍ରଦର୍ଶକ । ଆଜିର ବୃନ୍ତଚ୍ୟୁତ ସାମ୍ବାଦିକମାନଙ୍କ ପ୍ରତି ତାଙ୍କ ଆଦର୍ଶ ଏକାନ୍ତ ଅନୁସରଣୀୟ । ତାଙ୍କର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଓ ତାଙ୍କ ଶୋକାକୁଳ ପରିବାର ବର୍ଗଙ୍କୁ ଭଗବାନ ଶକ୍ତି ଓ ଧୈର୍ଯ୍ୟ ପ୍ରଦାନ କରନ୍ତୁ ।

(ଦୈନିକ ଅଗ୍ନିଶିଖା ୫-୧-୮୪ ସଂଖ୍ୟାରେ
ସମ୍ପାଦକୀୟ ସ୍ତମ୍ଭରେପ୍ରକାଶିତ)